# ଆଦିବାସୀ ମେଳା-୨୦୧୯ର ଏକାଦଶ ସନ୍ଧ୍ୟା

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଔଦ୍ୟୋଗିକ ବିକାଶ ପ୍ରଶିକ୍ଷଣ

ଭୁବନେଶ୍ୱର, ତା.୦୫ /୦୨/୨୦୧୯ରିଖ

ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଜନରାଜ୍ୟ ଦିବସଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଏଗାର ଦିନରେ ପହଞ୍ଚିଛି । ମେଳା ଦେଖିବା ପାଇଁ ଦିନକୁ ଦିନ ଗହଳି ବଢୁଛି । ମେଳାରୁ ଲୋକେ ପାହାଡ଼ୀ ମୂଳକରୁ ଆସିଥିବା ଆଦିବାସୀ ଲୋକମାନଙ୍କର ମୌଳିକ ଗୁଣବତ୍ତା ବିଶିଷ୍ଟ ବିବିଧ ପଦାର୍ଥ ଖରିଦ କରିବାରେ ବିଶେଷ ରୁଚି ରଖୁଛନ୍ତି । ଏଥି ସହିତ ଜନଜାତି ସଭ୍ୟତା ଓ ସଂସ୍କୃତି ଉପରେ ଅଧିକ ଜ୍ଞାନ ଆହରଣ କରିବା ନିମନ୍ତେ ଆଗ୍ରହୀ ଛାତ୍ରଛାତ୍ରୀ ତଥା ଗବେଷକଗଣ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ ତରଫରୁ ଖୋଲା ଯାଇଥିବା ଷ୍ଟଲ୍‌ରେ ବହି କିଣିବା ପାଇଁ ଭିଡ଼ ଜମାଉଛନ୍ତି । ଓଡ଼ିଶାର ୬୨ ପ୍ରକାର ଜନଜାତି ତଥା ୧୩ ପ୍ରକାର ପ୍ରାଚୀନତମ ଜନଜାତିଙ୍କ ଜୀବନଶୈଳୀ ସଂପର୍କରେ ଲିଖିତ ଅନେକ ପୁସ୍ତକ ଷ୍ଟଲରେ ବିକ୍ରି ନିମନ୍ତେ ଗଚ୍ଛିତ ରହିଛି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଦ୍ୱାରା ପ୍ରକାଶିତ ବିବିଧ ପୁସ୍ତକ ପ୍ରତି ମଧ ଜନସାଧାରଣଙ୍କର ବେଶ୍ ଆଗ୍ରହ ରହିଥିବାର ଲକ୍ଷ୍ୟ କରାଯାଉଛି ।

ଆଦିବାସୀ ହାଟ, ଆଦିବାସୀ ଗ୍ରାମରେ ପ୍ରଦର୍ଶିତ ଜନଜାତିମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନବୋଧର ନମୁନା ସଂଦର୍ଶନ କରି ମେଳାପ୍ରେମୀମାନେ ଖୁସି ହେଉଛନ୍ତି ।

ଆଜି ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଇ.ଟି.ଡି.ଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଔଦ୍ୟୋଗିକ ବିକାଶ ପ୍ରଶିକ୍ଷଣ ସଂପର୍କରେ ଶିକ୍ଷା ପ୍ରଦାନ କରାଯାଉଛି । ଏହା ଦ୍ୱାରା ଜନଜାତି ମହିଳାମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିବିଧ ଖାଦ୍ୟ ଶସ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ସେସବୁର ଉଚିତ ବିପଣନ ସଂପର୍କରେ ବିଜ୍ଞାନଭିତ୍ତିକ ଆଧୁନିକ ଜ୍ଞାନକୌଶଳ ଲାଭ କରି ନିଜ ନିଜର ବ୍ୟବସାୟିକ ତଥା ବୃତ୍ତିଗତ ଦକ୍ଷତା ବଢ଼ାଇ ପାରିବେ । ଏହା ନିଶ୍ଚିତ ଭାବରେ ସେମାନଙ୍କ ଜୀବନଜୀବିକାର ଅଭିବୃଦ୍ଧି ସାଧନ କରିବ । ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ପ୍ରଗତି ପଥ ତ୍ୱରାନ୍ୱିତ ହେବ । ଫଳରେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରିପାରିବେ । ଏହି ଉଦ୍ଦେଶ୍ୟରେ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆର ପ୍ରେକ୍ଷାଳୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆଜି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ

ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର  ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଉଦ୍‌ଘାଟନ କରିଥିଲେ ।

୪ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଜାତି ମହିଳାମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ବୃତ୍ତିଗତ ଜ୍ଞାନର ବିକାଶ ନିମନ୍ତେ ଅଭିଜ୍ଞ ଦକ୍ଷ କୃଷି ବିଶେଷଜ୍ଞ ଜ୍ୟୋତିରଞ୍ଜନ ମହାପାତ୍ର ଓ ଶ୍ରୀ ବିକାଶ ପାତ୍ର ପ୍ରମୁଖ ଶିକ୍ଷାପ୍ରଦାନ କରିଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ପ୍ରତିବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବିଶେଷ ଭାବରେ ଉପକୃତ ହେଉଥିବାର ଲକ୍ଷ୍ୟ କରାଯାଉଛି ।

ଏହି ଆଦିବାସୀ ମେଳା ଚଳିତ ମାସ ୯ ତାରିଖ ପର୍ଯ୍ୟନ୍ତ ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ । ପ୍ରତି ସନ୍ଧ୍ୟାରେ ନୃତ୍ୟପ୍ରେମୀ ଦର୍ଶକମାନଙ୍କ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

**ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ**
**ସୂଚନା ଅଧିକାରୀ**